# କରୋନା ଭୂତାଣୁ (କୋଭିଡ୍ -୧୯) ସଂକ୍ରମଣକୁ ପ୍ରତିରୋଧ କରିବା ନିମନ୍ତେ ଜିଲ୍ଲା ପରିଷଦର ସ୍ୱତନ୍ତ୍ର ବୈଠକ - ସବୁ ସ୍ତରରେ ବ୍ୟାପକ ପ୍ରସ୍ତୁତି ଓ ସଜାଗ ରହିବା ଉପରେ ଗୁରୁତ୍ୱ ।

ଅନୁଗୋଳ, ୨୧.୦୩ :- କରୋନା ଭୂତାଣୁ (କୋଭିଡ୍ ୧୯) ର ସଠିକ୍ ମୁଖାବିଲା ନିମନ୍ତେ ତ୍ରି-ସ୍ତରୀୟ ପଂଚାୟତିରାଜ ବ୍ୟବସ୍ଥାରେ ଗ୍ରାମ ପଂଚାୟତ ଓ ପଂଚାୟତ ସମିତି ବୈଠକ ସରିଥିବାବେଳେ ଆଜି ପୂର୍ବାହ୍ନରେ ଜିଲ୍ଲା ପରିଷଦର ଏକ ସ୍ୱତନ୍ତ୍ର ବୈଠକ ଅଧ୍ୟକ୍ଷା ଶ୍ରୀମତୀ ବାସନ୍ତୀ କିଷାନଂକ ଅଧ୍ୟକ୍ଷତାରେ ଜିଲ୍ଲା ପରିଷଦ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି । କରୋନାର ସଠିକ୍ ମୁକାବିଲା ନିମନ୍ତେ ସରକାରଂକ ନିୟମାବଳୀ ଆଧାରରେ ଗ୍ରାମାଂଚଳରେ ବ୍ୟାପକ ଜନସଚେତନତା ସୃଷ୍ଟି କରିବା ଉପରେ ଅଧକ୍ଷା ଗୁରୁତ୍ୱାରୋପ କରିଥିଲେ । ଏହି ବୈଠକରେ ଢେଙ୍କାନାଳ ସାଂସଦ ଶ୍ରୀ ମହେଶ ସାହୁ ଓ ଆଠମଲ୍ଲିକ ବାଧାୟକ ଶ୍ରୀ ରମେଶ ଚନ୍ଦ୍ର ସାଏ ଯୋଗ ଦେଇଥିଲେ । ପ୍ରାରମ୍ଭରେ ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତି ସମସ୍ତଂକୁ ସ୍ୱାଗତ ଜଣାଇବା ସହ କରୋନାର ସଠିକ ମୁକାବିଲା ନିମନ୍ତେ ସମସ୍ତଂକର ସହଯୋଗ କାମନା କରିଥିଲେ । ସରକାରଂକ ଦ୍ୱାରା ପ୍ରଦତ୍ତ ନିୟମାବଳୀକୁ ଅନୁସରଣ କରି ବାହାରୁ ଆସୁଥିବା ଲୋକମାନଂକ ସମ୍ପର୍କରେ ସ୍ୱାସ୍ଥ୍ୟ ବିଭାଗକୁ ଜଣାଇବାକୁ ପରାମର୍ଶ ଦେଇଛନ୍ତି । ଲୋକମାନଂକ ଭିତରେ ଥିବା ଅନ୍ଧ ବିଶ୍ୱାସ ଓ କୁସଂସ୍କାର ଭଳି ସାମାଜିକ ବାସନ୍ଦ ଅତ୍ୟନ୍ତ ନିନ୍ଦନୀୟ ଅଟେ । ସାଂପ୍ରତିକ ପରିସ୍ଥିତିରେ ଧୈର୍ଯ୍ୟ ଓ ସାହସର ସହିତ ଏହି ସଂକ୍ରମଣକୁ ପ୍ରତିରୋଧ କରିବାକୁ ହେଲେ ସରକାରଂକ ନିୟମାବଳୀକୁ ଅନୁସରଣ କରିବାକୁ ସେ ପରାମର୍ଶ ଦେଇଥିଲେ । ଭୟ ନକରି ଘରେ ଅଲଗା ରହିବା ସହ ସତର୍କ ଓ ସଚେତନ ରହିବାକୁ ସେ ପରାମର୍ଶ ଦେଇଛନ୍ତି । ଏହି ପରିସ୍ଥିତିରେ ରାଜ୍ୟ ସରକାର ନେଇଥିବା ଆଗୁଆ ପଦକ୍ଷେପ ସମ୍ପର୍କରେ ଜିଲ୍ଲାପାଳ ସୂଚନା ଦେଇଥିଲେ । ମଧୁବାବୁ ପେନସନ ଯୋଜନା ଓ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମରେ ପ୍ରଦାନ କରାଯାଉଥିବା ଭତ୍ତାକୁ ଅଗ୍ରିମ ୪ମାସ ପାଇଁ ଏକକାଳିନ ପ୍ରଦାନ କରାଯିବ । ସେହିପରି ଜାତୀୟ ଖାଦ୍ୟ ନିରାପତ୍ତା ଆଇନରେ ହିତାଧିକାରୀ ମାନଂକୁ ଆସନ୍ତା ଏପ୍ରିଲ ୧ତାରିଖରୁ ମଇ ମାସ ୧୫ ଅର୍ଥାତ୍ ୪୫ ଦିନ ମଧ୍ୟରେ ତିନି ମାସ ପାଇଁ ଚାଉଳ,ଗହମ ଓ କିରୋସିନ ଇତ୍ୟାଦି ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଇ ଦିଆଯିବ । ଦେଶ ବାହାରୁ ଓଡିଶାକୁ ଆସୁଥିବା ପ୍ରତ୍ୟେକ ବ୍ୟକ୍ତି ରେଜିଷ୍ଟ୍ରେସନ ରେଗୁଲେସନ ଅନୁଯାୟୀ ନିଜ ନାମ ପଂଜିକୃତ କରି ନିଜ ଘରେ ୧୪ ଦିନ ସଫଳତାର ସହ quarantine ରେ ରହିଲେ ସେମାନଂକୁ ୧୫ ହଜାର ଟଂକାର ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ । ଗ୍ରାମ ପଂଚାୟତର ସଭ୍ୟମାନେ ସ୍ଥାନୀୟ ସ୍ୱାସ୍ଥ୍ୟ ଅଧିକାରୀ ମାନଂକୁ ଦେଶ ବାହାରୁ ଆସୁଥିବା ଲୋକ ମାନଂକର ପଂଜିକରଣ ନିମନ୍ତେ ସୂଚନା ଦେବେ । ୬୦ ବର୍ଷରୁ ଊର୍ଦ୍ଧ୍ୱ ସମସ୍ତ ବୟସ୍କ ବ୍ୟକ୍ତିଂକୁ ନିଜ ଘରେ ରହିବା ପାଇଁ ପରାମର୍ଶ ଦେବାକୁ କୁହାଯାଇଛି । ଚଳିତ ମାସ ୩୧ ତାରିଖ ପର୍ଯ୍ୟନ୍ତ ସମସ୍ତ ଅଂଗନୱାଡି କେନ୍ଦ୍ର ବନ୍ଦ ରହିବା ହେତୁ କର୍ମୀ ଓ ସହାୟିକା ମାନେ ଉଦ୍ଦିଷ୍ଟ ଖାଦ୍ୟ ହିତାଧିକାରୀ ମାନଂକ ଘରେ ପହଂଚାଇବେ । ପ୍ରତି ଗ୍ରାମରେ ଏଏନଏମ୍ ଓ ଆଶା କର୍ମୀ ମାନଂକ ପାଖରେ ଅତ୍ୟାବଶ୍ୟକ ଓ୍ୟେଷଧ ଯଥା ପାରାସିଟାମଲ୍ ଓ ଆର୍ ଏସ୍ ଗଛିତ ରଖିବା ସହ ସମସ୍ତ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ନିରାମୟ କାଉଣ୍ଟରରେ ଜୀବନ ରକ୍ଷାକାରୀ ଔଷଧ ଉପଲବଧ କରାଇବେ । ପ୍ରତ୍ୟେକ ଗ୍ରାମ ପଂଚାୟତର ଯେ କୌଣସି ଗୋଟିଏ ହାଇସ୍କୁଲ ଗୃହରେ ୫୦ ରୁ ୧୦୦ ଜଣ ରହିବା ଭଳି ସୁରକ୍ଷିତ ଘର ସ୍ଥିର କରିବା ସହ ସମସ୍ତ ପ୍ରକାର ଚିକିତ୍ସା ବ୍ୟବସ୍ଥା କରାଯିବ ବୋଲି

ଜିଲ୍ଲାପାଳ ପ୍ରକାଶ କରିଥିଲେ । ଢେଙ୍କାନାଳ ସାଂସଦ ସାଂପ୍ରତିକ ପରିସ୍ଥିତିରେ ଆତଙ୍କିତ ନ ହୋଇ ଏହାର କିପରି ସଠିକ୍ ମୁକାବିଲା କରାଯାଇପାରିବ ସେଥିପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଂକ ଦ୍ୱାରା ଜାରି ହୋଇଥିବା ନିୟମାବଳୀକୁ ଅନୁସରଣ କରିବାକୁ ପରାମର୍ଶ ଦେଇଛନ୍ତି । ଆମ ପ୍ରାଚୀନ ପରଂପରାରେ ହାଡପୁଟି ହେଲେ ଯେପରି ୧୪ ଦିନ ଘରେ ଏକଟୁଆ ରହିଥାନ୍ତି ଠିକ୍ ସେହିପରି କରୋନା ଭୁତାଣୁକୁ ପ୍ରତିରୋଧ କରିବା ନିମନ୍ତେ ଏକୁଟିଆ ରହିବା ସହ ହଳଦୀ ଓ ନିମ୍ବପତ୍ର ଭଳି ଦେଶୀ ଚିକିତ୍ସା ପଦ୍ଧତିକୁ ଆପଣେଇବାକୁ ସେ ପରାମର୍ଶ ଦେଇଛନ୍ତି । ଏହାଛଡା ପରିଷ୍କାର ପରିଛନ୍ନତା ବଜାୟ ରଖିବା ସହ ବିଚଳିତ ନ ହୋଇ ସତର୍କତା ଅବଲମ୍ବନ କରିବାକୁ ସେ ପରାମର୍ଶ ଦେଇଛନ୍ତି । ଆଠମଲ୍ଲିକ ବିଧାୟକ କରୋନା ଭୁତାଣୁ ସଂକ୍ରମଣକୁ ପ୍ରତିହତ କରିବା ନିମନ୍ତେ ନିଜେ ସଚେତନ ହୋଇ ଅନ୍ୟକୁ ସଚେତନ କରିବା ସହ ସାମାଜିକ ଗଣମାଧ୍ୟମରେ ଗୁଜବ ଖବର ପ୍ରସାରଣକୁ ସେ ନିନ୍ଦା କରିଥିଲେ । ବୈଠକରେ ଉପସ୍ଥିତ ସଦସ୍ୟ ସଦସ୍ୟାମାନେ ଗ୍ରାମାଂଚଳରେ ବିଭିନ୍ନ ଜଳଖିଆ ଦୋକାନରେ ଭିଡ ଜମିବା, ଥଣ୍ଡା କାଶ ଓ ଜ୍ୱର ପାଇଁ ଆବଶ୍ୟକ ପାରାସିଟାମଲ ବଟିକା ମିଳୁ ନଥିବା ଓ ଯେଉଁମାନେ ଡାକ୍ତରଖାନାକୁ ଆସୁଛନ୍ତି ସେମାନଂକୁ ହ୍ୟାଣ୍ଡ ସାନିଟାଇଜର ଓ ମାସ୍କ ବିନା ମୁଲ୍ୟରେ ଯୋଗାଇ ଦେବା ସମ୍ପର୍କରେ ଜିଲ୍ଲାପାଳଂକ ଦୃଷ୍ଟି ଆକର୍ଷଣ କରିଥିଲେ । ଜିଲ୍ଲାର ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନ ଔଷଧ,ଫଳ,ରାସନ ଓ ପନିପରିବା ଦୋକାନକୁ ଛାଡି ବାକି ସମସ୍ତ ଦୋକାନକୁ ଆଜି ଠାରୁ ବନ୍ଦ କରାଯାଇଛି । ଯେଉଁମାନେ ବାହାରୁ ଆସୁଛନ୍ତି ଓ ନିଜର ଯାତ୍ରାକୁ ଗୋପନ ରଖୁଛନ୍ତି ଏବଂ ଗୁଜବ ଖବର ଯେଉଁମାନେ ପ୍ରସାରଣ କରୁଛନ୍ତି ସେମାନଂକ ବିରୁଦ୍ଧରେ ଦୃଢ କାର୍ଯାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଛନ୍ତି । ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଅତୁଲ୍ୟ କୁମାର ଚମ୍ପତିରାୟଂକୁ ଜିଲ୍ଲା ପାଇଁ କରୋନା ନୋଡାଲ ଅଫିସର ଭାବେ ନିୟୋଜିତ କରାଯାଇଛି । ରାଜ୍ୟ ସରକାର ଏହି ଅସାଧାରଣ ସମସ୍ୟାର ମୁକାବିଲା ନିମନ୍ତେ ଯେଉଁ କୌଶଳ ଅବଲମ୍ବନ କରିଛନ୍ତି ତାକୁ ଅନୁସରଣ କରିବା ସହ ନିୟମିତ ହାତ ଧୋଇବା ଓ ସାମାଜିକ ଦୁରତା ଅବଲମ୍ବନ କରିବାକୁ ସେ ପରାମର୍ଶ ଦେଇଥିଲେ । ଗ୍ରାମାଂଚଳର ଲୋକମାନେ ନିର୍ବାଚିତ ଲୋକ ପ୍ରତିନିଧିମାନଂକ ପ୍ରତି ଆସ୍ଥା ପ୍ରକଟ କରୁଥିବାରୁ ସରକାରଂକ ଏହି ବାର୍ତ୍ତା ସେମାନଂକ ନିକଟରେ ସହଜରେ ପହଂଚାଇବାକୁ ପରାମର୍ଶ ଦେବା ସହ ସମସ୍ତଂକୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ବୈଠକରେ ଜିଲ୍ଲା ପରିଷଦର ବିଭିନ୍ନ ଜୋନରୁ ଆସିଥିବା ସଦସ୍ୟ ସଦସ୍ୟା ଓ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀମାନେ ନିଜ ନିଜ ମଧ୍ୟରେ ସାମାଜିକ ଦୂରତାକୁ ଅବଲମ୍ବନ କରି ବୈଠକରେ ଯୋଗ ଦେଇଥିଲେ ।



